ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୭ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**କୁକୁଡାଖଣ୍ଡି,୬।୧୨(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ବ୍ଲକ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟରାସ୍ତା କାଲୁଆ ମନ୍ଦିର ନିକଟରେ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ଏକ ସଡ଼କ ଦୁଘଟଣାରେ ବ୍ରହ୍ମପୁର ପାଣିଗ୍ରାହୀପେଣ୍ଠ ସାହିର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବ୍ରହ୍ମପୁରର ଜଣେ ଆଇନଜୀବୀଙ୍କ ପୁଅ ରୋହିତ ମହାପାତ୍ର। ନିଜର କେତେଜଣ ସାଙ୍ଗଙ୍କ ସହ ୩ଟି ଗାଡିରେ ରୋହିତ ମହୁରୀକାଲୁଆ ପୀଠକୁ ବଣ ଭୋଜି କରିବାକୁ ଆସିଥିଲେ। ଅପରାହ୍ନରେ ନିଜ ବାଇକ (ନଂ.ଓଡି୦୭ଏକ୍ସ-୩୬୬୬) ଯୋଗେ ଫେରିବା ସମୟରେ ମନ୍ଦିର ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରୋହିତ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ ପଛରେ ବସିଥିବା ରୋହିତଙ୍କ ସାଙ୍ଗ ମଧ ଆହାତ ହୋଇଛନ୍ତି। ଅଧଘଣ୍ଟାଯାଏ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଉତ୍ତେଜନା ଦେଖାଦେଇଥିଲା।

### ଅପହୃତା ନାବାଳିକା ଉଦ୍ଧାର, ନାଚ ମାଷ୍ଟର ଗିରଫ

**ଭଞ୍ଜନଗର,୬।୧୨(ଡି.ଏନ୍.ଏ.):** ବେଲଗୁଣ୍ଠା ଫାଣ୍ଡି ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ଶୁକ୍ରବାର ଉଦ୍ଧାର କରିବା ସହ ଅପହରଣ କରିଥିବା ନାଚ ମାଷ୍ଟରଙ୍କୁ ଗିରଫ କରିଛି। ନଂ୪୪।୧୯ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ବେଲଗୁଣ୍ଠା ଫାଣ୍ଡି ଅଞ୍ଚଳରୁ ଜଣେ ୧୨ ବର୍ଷର ନାବାଳିକାଙ୍କ ଘରକୁ ବୁଗୁଡ଼ା ଥାନା ଅଞ୍ଚଳର ଜଣେ ଶିକ୍ଷକ (୫୨ବର୍ଷ) କୁଣିଆ ଆସିଥିଲେ। ଏହାପରେ ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ୪ ତାରିଖ ଦିନ ନାଚ ଶିକ୍ଷକ ନେଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ପୋଲିସ ଫିରିଙ୍ଗିଆ ଅଞ୍ଚଳରୁ ଅଭିଯୁକ୍ତ ନାଚ ଶିକ୍ଷକଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। କେଉଁ ଉଦ୍ଦେଶ୍ୟରେ ସେ ନାବାଳିକାଙ୍କୁ ନେଇଥିଲେ ତାର ତଦନ୍ତ ଚାଲିଛି।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.WTG-05-CO-RGDA

**କାର୍ଯ୍ୟର ନାମ :** ରାୟଗଡ଼ା ଠାରେ 03 ବର୍ଷ ଅବଧି ନିମନ୍ତେ ଦୈନିକ 625 ଗୋଟି ନକଲ(ଆକଳିତ) ହିସାବରେ A4 ଆକାର ବିଶିଷ୍ଟ ଜେରକ୍ସ ପେପର ର ଗୋଟିଏ ପାର୍ଶ୍ୱରେ କଣନ ଅର୍ଡ଼ରଗୁଡ଼ିକର ଫଟୋକପି (Photocopy) କରିବା କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 12,33,000/-, EMD(ଟଙ୍କାରେ): 24,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି : 36 ମାସ ।

(2)ଟେଣ୍ଡର ସଂ.WTX-05-CO-KRPU

**କାର୍ଯ୍ୟର ନାମ:** କୋରାପୁଟ ଠାରେ 03 ବର୍ଷ ଅବଧି ନିମନ୍ତେ କଣନ ଅର୍ଡ଼ରଗୁଡ଼ିକର କମ୍ପ୍ୟୁଟର ଟାଇପିଙ୍ଗ୍ ଏବଂ A4 ଆକାର ବିଶିଷ୍ଟ ଫଟୋକପି (ଜେରକ୍ସ) ପେପରରେ ଫଟୋକପି (Photocopy) କରିବା କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 9,89,236.42, EMD(ଟଙ୍କାରେ): 19,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.09.12.2019 ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.12.2019 ରିଖ 1530 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ/ ୱାଲ୍ଟିୟର

PR-559/K/19-20


### ଦାରିଙ୍ଗବାଡ଼ିରେ ବଢ଼ିଲା ଶୀତ

# ସର୍ବନିମ୍ନ ତାପମାତ୍ରା ୭ଡିଗ୍ରୀ, ଜନଜୀବନ ଅସ୍ତବ୍ୟସ୍ତ

**ଦାରିଙ୍ଗବାଡ଼ି,୬।୧୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶୁକ୍ରବାର ଶୀତ ବୃଦ୍ଧି ପାଇବା ସହ ତାପମାତ୍ରା ହ୍ରାସପାଇ ସକାଳ ସାଢ଼େ ୮ଟା ସୁଦ୍ଧା ୭ ଡିଗ୍ରୀରେ ପହଞ୍ଚିଛି। ଗତ କିଛିଦିନ ହେଲା ତାପମାତ୍ରା ୧୨ଡିଗ୍ରୀରୁ ହ୍ରାସପାଇ ୯.୫ ଡିଗ୍ରୀରେ ରହିବା ପରେ ଚଳିତ ମାସର ସବୁଠାରୁ ଏହା କମ୍ ତାପମାତ୍ରା ବୋଲି ରେକର୍ଡ କରାଯାଇଥିବା ବ୍ଲକ କାର୍ଯ୍ୟାଳୟରେ ତଥ୍ୟ ସଂଗ୍ରହ କରୁଥିବା କର୍ମଚାରୀ ପୁରୁଷୋତ୍ତମ ସାହୁ କହିଛନ୍ତି। ଦିନରେ ମଧ ଥଣ୍ଡା ଅନୁଭୂତ ହେଉଛି। ହଠାତ ଶୀତ ବୃଦ୍ଧି ଯୋଗୁ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଆଭ୍ୟନ୍ତରୀଣ ଅଞ୍ଚଳରେ ଆହୁରି ଅଧିକ ଥଣ୍ଡା ଅନୁଭୂତ ହେଉଛି। ବ୍ଲକର ବ୍ରାହ୍ମଣୀଗାଁ ସମେତ ଗଦାପୁର, ହାତୀମୁଣ୍ଡା, କାଟିଙ୍ଗିଆ, ତାଜୁଙ୍ଗିଆ, ସିଆଙ୍ଗବାଲି, ଭ୍ରମରବାଡ଼ି, ପର୍ତ୍ତମାହା, ବାଡାବାଙ୍ଗା, ସିମନବାଡ଼ି, ବୁଡାଗୁଡ଼ା, ଗୁମିକିଆ ଆଦି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ଶୀତ ହେଉଛି।

ଚଳିତବର୍ଷ ଗତବର୍ଷ ଅପେକ୍ଷା ଶୀତରେ ବିଳମ୍ବ ଯୋଗୁ ପର୍ଯ୍ୟଟକ ନିରାଶ ହୋଇଥିଲେ। ଶୀତ ବଢ଼ିବା ଯୋଗୁ ପର୍ଯ୍ୟଟକଙ୍କ ମଧରେ ଖୁସି ଦେଖିବାକୁ ମିଳିଛି। ବିଭିନ୍ନ ସରକାରୀ କଟେଜ, ବଙ୍ଗଳା ସମେତ ଘରୋଇ ହୋଟେଲ, କଟେଜରେ ରାତ୍ରୀଯାପନ କରି ନିଆଁ ଜାଳି ଶୀତର ମଜା ନେଇଛନ୍ତି। ଦିନରେ ବଣଭୋଜି ଓ ନାଚଗୀତ କରି ଶିତର ମଜା ନେଉଛନ୍ତି।


ଶୀତ ଦାଉରୁ ରକ୍ଷା ପାଇଁ ନିଆଁ ଜାଳି ବସିଛନ୍ତି।

## ଦୁର୍ଘଟଣା ମାମଲାରେ ୨ ବର୍ଷ ଜେଲ୍

**ଆସିକା,୬।୧୨(ଡି.ଏନ୍.ଏ.)**

ଆସିକାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଶୁକ୍ରବାର ଏକ ଦୁର୍ଘଟଣା ଜନିତ ମାମଲାର ବିଚାର କରି ବେପରୁଆ ଗାଡିଚାଳନା ଅଭିଯୋଗରେ ଅଭିଯୁକ୍ତ ସୁଶାନ୍ତ ବେହେରାଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୧୪ ଡିସେମ୍ବର ୨୨ ରାତିରେ ଧରାକୋଟ ଥାନା ତାଳପାଟଣା ନିକଟରେ ଅଭିଯୁକ୍ତ ସୁଶାନ୍ତ ଅଟୋ ଚଳାଇ ଯାଉଥିବାବେଳେ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ଅଟୋକୁ ଅତିକ୍ରମ କଲାବେଳେ ଦୁର୍ଘଟଣା ଘଟିଥିଲା। ସମ୍ମୁଖ ଅଟୋର ଚାଳକ ମନୋଜ କୁମାର ଗୌଡଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଚିନ୍ମୟ ସୋରେନ୍ ଓ ସରକାରୀ ଓକିଲ ଶରତ ଚନ୍ଦ୍ର ପାଢୀ ମାମଲା ପରିଚାଳନା କରୁଥିଲେ।

## ମହାତ୍ମା ଗାନ୍ଧୀଙ୍କ ଗୋବରା ଆଗମନ ଦିବସ ପାଳିତ


ମଞ୍ଚାସୀନ ଅତିଥି।

**ଭଞ୍ଜନଗର,୬।୧୨(ଡି.ଏନ.ଏ)**

ଜାତିର ପିତା ମହାତ୍ମା ଗାନ୍ଧୀ ୧୯୨୭ ଡିସେମ୍ବର ୬ରେ ଗୋବରା ଆସିଥିଲେ। ଉକ୍ତଦିନକୁ ମନେ ପକାଇବା ପାଇଁ ଶୁକ୍ରବାର ଗୋବରାରେ ଏକ ସଭା ହୋଇଥିଲା। ଏଥିସହ ଏକ ଶୋଭାଯାତ୍ରା ମଧ ସହର ପରିକ୍ରମା କରିଥିଲା। ଏହାପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ଉତ୍ସବରେ ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ଶିକ୍ଷାବିତ୍ କୁଞ୍ଜ ବିହାରୀ ନାୟକ, ଅଧ୍ୟାପକ ସନ୍ତୋଷ ବିଶ୍ୱାଳ, ଆଇନଜୀବୀ ଗୋପାଳ କୃଷ୍ଣ ବିଷୋୟୀ, କବି ଗୋପାଳ ଲେଙ୍କା, ବନମାଳି ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ମୋ ଗାଁରେ ତହସିଲ୍, ମୋ ନିବେଦନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୬।୧୨(ଡି.ଏନ୍.ଏ.)**

ଆସିକା ବ୍ଲକ ମୁନିଗାଡି ପଞ୍ଚାୟତ ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ଶୁକ୍ରବାର ବ୍ଲକ୍ ପକ୍ଷରୁ ମୋ ନିବେଦନ ଓ ତହସିଲ୍ ପକ୍ଷରୁ ମୋ ଗାଁରେ ତହସିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିଅବସରରେ ବାଙ୍ଗରଡା ଓ ମୁନିଗାଡି ପଞ୍ଚାୟତର ଜନସାଧାରଣ ଯୋଗଦେଇ ସେମାନଙ୍କ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ସରପଞ୍ଚ ମନୋଜ କୁମାର ପୋଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ବିଡିଓ ସତ୍ୟସୁନ୍ଦର ରାଉତ, ତହସିଲଦାର୍ ଆଶୁତୋଷ ଗୌରବ କର, ସିଡିପିଓ ଭାରତୀ ମହାପାତ୍ର, ଯୋଗାଣ ଅଧିକାରୀ ଜୟରାମ ଲେଙ୍କା, ସମିତିସଭ୍ୟ ପଦ୍ମନାଭ ବେହେରା ପ୍ରମୁଖ ସାମିଲ୍ ଥିଲେ। କାର୍ଯ୍ୟକ୍ରମରେ ତହସିଲଦାରଙ୍କ ନିକଟରେ ୩୬ଟି ଅଭିଯୋଗ ଦାଖଲ କରାଯାଇଥିବାବେଳେ ବିଡିଓଙ୍କ ନିକଟରେ ୨୨୧ ଅଭିଯୋଗ ଦାଖଲ କରାଯାଇଥିଲା।

## ସମବାୟ କୋଠା ଉଦ୍‌ଘାଟିତ

**ଦିଗପହଣ୍ଡି,୬।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଫାସିଗୁଡା ଗାଁରେ ନବନିର୍ମିତ ପ୍ରାଥମିକ ସେବା ସମବାୟ ସମିତି କୋଠା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସଭାପତି ତଥା ପଞ୍ଚାୟତ ସମିତିସଭ୍ୟ ଶିବରାମ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ରହ୍ମପୁର ସମବାୟ ଉପ ନିବନ୍ଧକ ବିଶ୍ୱ ରଞ୍ଜନ ଦାସ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସହକାରୀ ସମବାୟ ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ, ଆଞ୍ଚଳିକ ସମବାୟ ଅଧିକାରୀ ଗୋପାଳକୃଷ୍ଣ ନାୟକ, ସରପଞ୍ଚ ଦିଲ୍ଲୀପ କୁମାର ସେଠୀ, ପୂର୍ବତନ ସମବାୟ ସଭାପତି ସୀମାଞ୍ଚଳ ମାଦଳା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେବା ସମବାୟ ସମିତି କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ସମବାୟ ସମିତି ନିର୍ଦ୍ଦେଶକ ଲକ୍ଷ୍ମୀ ପ୍ରଧାନ, ଧର୍ମୁ ଚୌଧୁରୀ, ଡମ୍ବୁରୁ ପ୍ରଧାନ, ନରହରି ବିଷୋୟୀଙ୍କ ସମେତ ସମସ୍ତ ସମବାୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

## ପଲିଥିନ, ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ରାଲି


ସଚେତନତା ରାଲି ବାହାରିଛି।

**ଗଞ୍ଜାମ,୬।୧୨(ଡି.ଏନ.ଏ.)**

ଅବକାରୀ, ପୋଲିସ, ତହସିଲ ଏବଂ ଏନ୍‌ଏସି ପ୍ରଶାସନ ପକ୍ଷରୁ ପଲିଥିନ, ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଶୁକ୍ରବାର ଜୟଶ୍ରୀ ଛକଠାରୁ ଏକ ସଚେତନତା ରାଲି ବାହାରିଥିଲା। ଏଥିସହିତ ମଦ୍ୟପାନ କରି ଗାଡ଼ି ନ ଚଳାଇବା, ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା ନେଇ ପ୍ଲାକାର୍ଡ ମାଧ୍ୟମରେ ସଚେତନତା କରାଯାଇଥିଲା। ରାଲିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ପ୍ରଭୁକଲ୍ୟାଣ ଦାସ, ଅତିରିକ୍ତ ତହସିଲଦାର ସନାତନ ମହାଲିକ, ଅବକାରୀ ବିଭାଗ ଏସ୍‌ଆଇ ଉମାକାନ୍ତ ସ୍ୱାଇଁ, ଥାନା ଏସ୍‌ଆଇ ନାରାୟଣ କହଁର, ଏନ୍‌ଏସି କର୍ମଚାରୀ ହରି ବିଶ୍ୱାଳ, ଗୋଷ୍ଠୀ ସଙ୍ଗଠିକା ଅନିତା ଅଂଶୁମାଳୀ ସାହୁ, ଆନନ୍ଦ ବାରିକ, କିରାଣି ଲକ୍ଷ୍ମୀ ପାଢ଼ୀ, ମିଳନ ମୋହନ ମୁର୍ମୁ, ମହିଳା ସ୍ୱୟଂ ସହାୟିକା ଅଜିତା ମହାରଣା ପ୍ରମୁଖ ସାମିଲ ଥିଲେ। ରାଲି ଏନ୍‌ଏସିର ସମସ୍ତ ୱାର୍ଡ ପରିକ୍ରମା କରିଥିଲା।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଆସିକା,୬।୧୨(ଡି.ଏନ୍.ଏ.)**

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଗତ ୨୨ରୁ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଓମ୍ ନାରାୟଣ ରାଓ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସୁପ୍ରିୟା ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୪୫୦ ଛାତ୍ରୀ ତାଲିମ ନେଇଥିଲେ।

## ରବିବାର ଖୋଲିବ ଭଞ୍ଜନଗର ଟାଉନ ହଲ୍

**ଭଞ୍ଜନଗର,୬।୧୨(ଡି.ଏନ୍.ଏ)**

- ଭୋଜି ପାଇଁ ୨୫୫୦୦, ସଭା ପାଇଁ ୫ ହଜାର ଭଡା
- ପ୍ରଥମ ଭୋଜି ନଗର ବିଜେଡି ସଭାପତିଙ୍କର

ନବ ନିର୍ମିତ ଭଞ୍ଜନଗର ଟାଉନ୍ ହଲ୍ ଉଦ୍‌ଘାଟନର ୯ମାସ ପରେ ରବିବାର ଖୋଲିବ। ଭୋଜି ସମେତ ବିଭିନ୍ନ ଉତ୍ସବ ପାଇଁ ଦୈନିକ ୨୫ ହଜାର ଟଙ୍କା ଭଡ଼ା ଏନ୍‌ଏସି ପକ୍ଷରୁ ନିର୍ଦ୍ଧାରଣ କରାଯାଇଛି। ଏଥିସହ ସଫେଇ ପାଇଁ ୫ଶହ ଟଙ୍କା ରଖାଯାଇଛି। ଅଗ୍ରୀମ୍ ୨ ହଜାର ଟଙ୍କା ରଖାଯାଇଛି। ଉତ୍ସବ ସରିବା ପରେ ଅଗ୍ରୀମ ଟଙ୍କା ଫେରାଇ ଦିଆଯିବ। ଏଥିସହ ସରକାରୀ କାର୍ଯ୍ୟକ୍ରମ ପାଇଁ ଦୈନିକ ୫ ହଜାର ଟଙ୍କା ରଖାଯାଇଛି। ପ୍ରଥମ ଭୋଜି ଭାବେ ନଗର ବିଜେଡ଼ି ସଭାପତି ତଥା ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀଙ୍କ ପୁଅ ବାହାଘର ଭୋଜି ହେବ। ବେସରକାରୀ ସଭା ପାଇଁ ବର୍ତ୍ତମାନ କୈଣସି ନିଷ୍ପତି ହୋଇନାହିଁ। ଟାଉନ ହଲ୍ ବୁକିଂ ଆରମ୍ଭ ପରେ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବର୍ତ୍ତମାନ ବିବାହ ପର୍ବ ଚାଲିଥିବା ଯୋଗୁ ଏକାଧିକ ବ୍ୟକ୍ତି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଟାଉନ ହଲ୍ ବୁକ୍ କରିବା ପାଇଁ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଭଞ୍ଜନଗର ସହରରେ ଟାଉନ ହଲ୍ ନଥିଲା। ଲୋକେ ବିବାହ ଉତ୍ସବ ପାଳନ ପାଇଁ ଅସୁବିଧା ହେଉଥିଲା। ଭଞ୍ଜ ସାହିତ୍ୟ ପରିଷଦ, ଠାକୁରାଣୀ ମନ୍ଦିର ଭଳି ସ୍ଥାନରେ ଭୋଜି କରୁଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଫେବୃୟାରୀ ୧୮ରେ ଭଞ୍ଜନଗର ଗସ୍ତରେ ଆସିଥିବା ସମୟରେ ଟାଉନ ହଲ୍ ଉଦ୍‌ଘାଟନ କରିଥିଲେ। କିନ୍ତୁ ପାର୍କିଂ ସ୍ଥଳ, ପାଇଖାନା ପ୍ରମୁଖ କାମ ସରିନଥିଲା। ଏଥିସହ ଭଡ଼ା କେତେ ରହିବ ତାହା ମଧ୍ୟ ସ୍ଥିର ହୋଇ ପାରୁନଥିଲା। ଗତ ମାସରେ ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁଙ୍କ ସମେତ ଏନଏସିର ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଟାଉନ ହଲ୍ ଭଡ଼ା ସ୍ଥିର ହୋଇଥିଲା।

## ଭତ୍ତା ବଣ୍ଟନ ମେଳା

**ଆସିକା,୬।୧୨(ଡି.ଏନ୍.ଏ.)**–ଆସିକା ବ୍ଲକ୍ ହରିଡାପଦର ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ୬୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଦିଆଯାଇଥିବା ବେଳେ ୧୯ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ବଣ୍ଟନ କରାଯାଇଥିଲା। ସରପଞ୍ଚ ସୁନିତା କୁମାରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ବିଡିଓ ସତ୍ୟସୁନ୍ଦର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟିକାଙ୍କ ଦ୍ୱାରା ପଞ୍ଚାୟତର ମାଗୁରା ଗ୍ରାମରେ ଗୋପାଳ ସମାଜର କୋଠଘର ଉଦ୍‌ଘାଟନ କରାଯାଇଥିଲା।


**ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର (ଗଞ୍ଜାମ)**

**ସାଧାରଣ ବୈଠକ**

ନଂ. 3120/2019-20 ତାରିଖ: 05.12.2019

ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର ଅନ୍ତର୍ଗତ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୭୪ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୨୨।୧୨।୨୦୧୯ରିଖ (ରବିବାର) ଦିନ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ (ମୁଖ୍ୟ କାର୍ଯ୍ୟାଳୟ) ପରିସରରେ ଅନୁଷ୍ଠିତ ହେବ।

ଅତଏବ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସମିତି ଦ୍ୱାରା ମନୋନୀତ ସଭ୍ୟ/ସଭ୍ୟା, ଉକ୍ତ ସାଧାରଣ ସଭାରେ ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ ଓ ସମୟରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ସ୍ୱା./- ଶ୍ରୀ ଭି. ତାରକାନାଧମ୍
ଭାରପ୍ରାପ୍ତ ସମ୍ପାଦକ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ

ବି.ଦ୍ର.: ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସମବାୟ ସମିତି ଆଇନ୍ ଅନୁସାରେ ସମିତି ନିଜ ପରିଚାଳନା ପରିଷଦ ଦ୍ୱାରା ଗୃହୀତ ପ୍ରସ୍ତାବର ଅବିକଳ ନକଲ ସମିତିର ସମ୍ପାଦକଙ୍କ ସ୍ୱାକ୍ଷର ଓ ସମିତିର ମୋହର ସହିତ ତା୨୧।୧୨।୨୦୧୯ରିଖ ସୁଦ୍ଧା ବ୍ୟାଙ୍କ (ମୁଖ୍ୟ କାର୍ଯ୍ୟାଳୟ)କୁ ପଠାଇବାକୁ ଅନୁରୋଧ।

**କାର୍ଯ୍ୟସୂଚୀ:-** **୧.** ପୂର୍ବ ଅଧିବେଶନ ବିବରଣୀ ପଠନ ଓ ଦୃଢ଼ୀକରଣ। **୨.** ୨୦୧୮-୨୦୧୯ ମସିହାର ସମୀକ୍ଷା ରିପୋର୍ଟ ପଠନ ଓ ଗ୍ରହଣ। **୩.** ୨୦୧୯-୨୦୨୦ ମସିହା ପାଇଁ ବାର୍ଷିକ ବ୍ୟବସାୟଗତ କାର୍ଯ୍ୟକ୍ରମ ଓ ବାର୍ଷିକ ଚିଠା ଅଟକଳ ଅନୁମୋଦନ। **୪.** ୨୦୧୮-୨୦୧୯ ବର୍ଷର ସମୀକ୍ଷା ନିମନ୍ତେ ନାବାର୍ଡଙ୍କ ଅନୁମୋଦିତ ତାଲିକା ଅନୁଯାୟୀ ସମୀକ୍ଷକ ନିଯୁକ୍ତିର ଅନୁମୋଦନ। **୫.** ୨୦୧୮-୨୦୧୯ରେ ଲାଭାଂଶ ବଣ୍ଟନ। **୬.** ପ୍ରାଥମିକ କୃଷି ସେବା ସମବାୟ ସମିତିର ଆୟବ୍ୟୟ ଅଟକଳ ମଞ୍ଜୁରୀ ସମ୍ପର୍କରେ। **୭.** ନିବନ୍ଧକ, ସମବାୟ ସମିତି ସମୂହ ଓଡ଼ିଶାଙ୍କ ଆଦେଶ ପତ୍ର ସଂଖ୍ୟା ୧୨୮୨୯, ତା୦୫।୦୭।୨୦୧୮ରିଖ ପ୍ରକାରେ ବ୍ୟାଙ୍କର, ବ୍ୟାଙ୍କିଙ୍ଗ୍ ଆସିଷ୍ଟାଣ୍ଟ ଗ୍ରେଡ୍‌ରେ ଖାଲିଥିବା ପଦବୀର ୩୦ ପ୍ରତିଶତ ସ୍ଥାନ, ପ୍ରାଥମିକ କୃଷି ସେବା ସମବାୟ ସମିତିରେ କାର୍ଯ୍ୟରତ ଥିବା ସମ୍ପାଦକମାନଙ୍କ ମଧ୍ୟରୁ, ନିୟମ ମୁତାବକ ପୂରଣ ସମ୍ପର୍କେ। **୮.** ବ୍ୟାଙ୍କରେ ଖାଲିଥିବା ଆସିଷ୍ଟାଣ୍ଟ ମ୍ୟାନେଜର ଓ ବ୍ୟାଙ୍କିଙ୍ଗ୍ ଆସିଷ୍ଟାଣ୍ଟ ପଦବୀର ଶତକଡ଼ା ୬୦ ଭାଗ IBPS ଜରିଆରେ ପରୀକ୍ଷା କରି ପୂରଣ କରିବା ପାଇଁ (ନିବନ୍ଧକ ସମବାୟ ସମିତି ସମୂହ, ଓଡ଼ିଶାଙ୍କ ନିର୍ଦ୍ଦେଶ ପ୍ରକାରେ) ବ୍ୟାଙ୍କର ନିଷ୍ପତ୍ତିକୁ ଅନୁମୋଦନ ସମ୍ପର୍କେ। **୯.** ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ରିଟ୍ ପିଟିସନ୍ କେସ୍ ନଂ.-୨୭୨୬/୨୦୧୩ରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ବ୍ୟାଙ୍କର କର୍ମଚାରୀମାନଙ୍କୁ ଷଷ୍ଠ ବେତନ କମିଶନ ପ୍ରକାରେ ଦରମା ଦେବା ପାଇଁ ବ୍ୟାଙ୍କର ପରିଚାଳନା ପରିଷଦ ନେଇଥିବା ନିଷ୍ପତ୍ତିର ଅନୁମୋଦନ। **୧୦.** ନିବନ୍ଧକ ସମବାୟ ସମିତି ସମୂହ ଓଡ଼ିଶାଙ୍କ ଆଦେଶପତ୍ର ସଂଖ୍ୟା ୧୪୧୯୫ ତା୦୯।୦୭।୨୦୧୯ରିଖ ପ୍ରକାରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ୍ ଦରମା ଲାଗୁ ସମ୍ପର୍କରେ। **୧୧.** ଅନ୍ୟାନ୍ୟ ବିଷୟ ସଭାପତିଙ୍କ ଅନୁମୋଦନ କ୍ରମେ।


## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ଆସିକା,୬।୧୨(ଡି.ଏନ୍.ଏ.)**

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନ୍.ବି.ସି. କଲେଜରେ ଶୁକ୍ରବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ସେବା ଯୋଜନା ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ୍ଟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡଙ୍ଗୀ ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ଯୋଜନାର ଅଧିକାରୀ ସୁଜାତା ସିଂ, ଅଧ୍ୟାପକ ରବିନାରାୟଣ ପାତ୍ର, ଯୁବ ରେଡକ୍ରସ୍ ସଂଯୋଜକ ହରିଶଙ୍କର ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।


DADLS-64



**MESSAGE**

On the occasion of Armed Forces Flag Day-2019, I extend my warm felicitations and good wishes to all ranks of the Armed Forces as well as our Ex-servicemen and their families.

Our Armed Forces have exhibited exemplary courage and patriotism in preserving the sovereignty and territorial integrity of the country. The Armed Forces personnel not only resolutely defend the nation's borders but also render valuable service during national calamities and combating the internal insurgencies. Armed Forces Flag Day is an occasion to remember with gratitude the sacrifices made by our gallant soldiers and to pay tribute to their courage and dedication in serving our great nation. It provides us an opportunity to express solidarity and support through generous contribution to the Armed Forces Flag Day Fund so that rehabilitation and welfare of Ex-servicemen and their families could be undertaken in a big way.

I appeal to all the citizens to come forward and contribute spontaneously to the Armed Forces Flag Day Fund.

Jai Hind !

(Prof. Ganeshi Lal)
Governor, Odisha



**MESSAGE**

The 'Armed Forces Flag Day' on 7th December provides an opportunity to all the citizens of India to reaffirm our gratitude and appreciation towards the men in uniform for their valiant services and supreme sacrifices and pledge our sincerity in taking care of those who are left behind.

The contributions would help in wiping out tears and show our solidarity with them. On this occasion, I appeal to all citizens of Odisha to donate generously to the 'Armed Forces Flag Day' as a mark of our regards and respect for their unflinching loyalty and unstinting service to the Nation and make the Armed Forces Flag Day 2019 a great success.

(Naveen Patnaik)
Chief Minister, Odisha

27008/13/0002/1920

## ସଂକ୍ଷେପରେ

### ଟାଇଟାନିୟମ୍ ପ୍ଲାଣ୍ଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଛତ୍ରପୁର,୬।୧୨(ଡି.ଏନ.ଏ.):** ଛତ୍ରପୁର ଉପକଣ୍ଠରେ ଥିବା ଟାଇଟାନିୟମ ପ୍ଲାଣ୍ଟରେ ଶ୍ରମିକମାନେ ଶୁକ୍ରବାର କାର୍ଯ୍ୟବନ୍ଦ କରି ଫାଟକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ଏକ ମାମଲାରେ ଜଡିତ ୬ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଓ ପୂର୍ବରୁ ହୋଇଥିବା ବିଭିନ୍ନ ଦାବି ପୂରଣ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଦାବିରେ ଆନ୍ଦୋଳନ ଚାଲିଛି । ଏସବୁକୁ ନେଇ ବାରମ୍ବାର ଟାଇଟାନିୟମ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ଶ୍ରମିକମାନଙ୍କ ପକ୍ଷରୁ ଅବଗତ କରାଯାଇଥିଲେ ହେଁ ଏଗୁଡିକ ପୂରଣ ନେଇ ପଦକ୍ଷେପ ନିଆଯାଇନାହିଁ । ଫଳରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

### ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**ବୁଗୁଡ଼ା,୬।୧୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ବେତାରସିଙ୍ଗି ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲିପଦର ସହ କୃଷି ଅଧିକାରୀ ସ୍ୱାଗତିକା ପତି ଯୋଗଦେଇ ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏଥିସହ ସେ ଚାଷୀମାନଙ୍କୁ ନିଜ ଜମିର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ୍ୟ କୃଷି କର୍ମଚାରୀ ଅଶୋକ କୁମାର ସେଠୀ, ଅଜୟ କୁମାର ସାହୁ, ସହକାରୀ ବୈଷୟିକ ପରିଚାଳନା ଅବିନାଶ ନାୟକ ଯୋଗଦେଇ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

### ସାଧୁସନ୍ଥଙ୍କ ସମ୍ମେଳନ

**ଶେରଗଡ,୬।୧୨(ଡି.ଏନ୍.ଏ.):** ଶେରଗଡ ବ୍ଲକ ଡେଙ୍ଗାପଦର ରଘୁନାଥ ମଠରେ ଗୁରୁବାର ସାଧୁସନ୍ଥଙ୍କ ସମ୍ମେଳନ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହନ୍ତ ପରମାନନ୍ଦ ଦାସଙ୍କ ଆବାହକତ୍ୱରେ ହରିଦ୍ୱାର, ହୃଷିକେଶ ସହ ଗଞ୍ଜାମ ଜିଲାର କୋଣଅନୁକୋଣରୁ ୧୦୦ ରୁ ଅଧିକ ସାଧୁସନ୍ଥଙ୍କ ସମାଗମ ହୋଇଥିଲା । ଧର୍ମଚର୍ଚ୍ଚା ସହ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା । ପଣ୍ଡିତ ସ୍ୱର୍ଗତ ରାମକିଶୋର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବଳିଆରସିଂହପୁର ଗ୍ରାମର ବହୁ ପୁରୋହିତ ଯୋଗ ଦେଇ ଆର୍ଶୀବାଦ ପ୍ରଦାନ କରିଥିଲେ । ସାଧୁସନ୍ଥଙ୍କ ଦ୍ୱାରା ସାମୂହିକ ପୂଜା ପାଠ କରାଯାଇଥିଲା ।

### ଜିଲାସ୍ତରୀୟ ବିଜ୍ଞାନ, ଗଣିତ ପ୍ରଦର୍ଶନୀ

**ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଉପଜିଲାପାଳ ରଜନିକାନ୍ତ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ ।

■ ସିମନବାଡ଼ି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

**ଦାରିଙ୍ଗବାଡ଼ି,୬।୧୨(ଡି.ଏନ.ଏ)**




କନ୍ଧମାଳ ଜିଲାରେ ଗତବର୍ଷ ମାଟ୍ରିକ ରେଜଲ୍ଟ ଭଲ ହୋଇ ନ ଥିଲା । ଏନେଇ ବିଭିନ୍ନ ବିଦ୍ୟାଳୟକୁ ରିପୋର୍ଟ ମଗା ଯାଇଥିଲା । ମାତ୍ର ପ୍ରମୁଖ ସମସ୍ୟା ଶିକ୍ଷକ ଅଭାବ ପ୍ରତି କେହି ଦୃଷ୍ଟି ଦେଲେନାହିଁ । ଏଭଳି ଶିକ୍ଷକ ଅଭାବ ସମସ୍ୟା ଦେଖିବାକୁ ମିଳିଛି ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ।

ଏହି ବିଦ୍ୟାଳୟରେ ନବମରେ ୧୨୨ ଓ ଦଶମରେ ୧୨୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କୁ ଶିକ୍ଷାଦାନ କରିବାକୁ ମୋଟ ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବାବେଳେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଫଳରେ ସେମାନଙ୍କ ମଧ୍ୟରୁ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇବା ସହ ୧୦୦ ଶଯ୍ୟା ବିଶିଷ୍ଟ ୨ଟି ହଷ୍ଟେଲ କଥା ବୁଝୁଛନ୍ତି । ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ଜଣେ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ବେହେରାଙ୍କୁ ସୁଜାମାଜୁ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ଦିନ ଅତିରିକ୍ତ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ରହିଛି । ବିଜ୍ଞାନ ଶିକ୍ଷୟିତ୍ରୀ ଅଞ୍ଜଳୀ ପ୍ରଧାନଙ୍କୁ ମଧ୍ୟ କିରୁକୁଟି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୨ଦିନ ଯିବାକୁ ପଡୁଛି । ଫଳରେ ସିମନବାଡ଼ି ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଯଦି ଉକ୍ତ ବିଦ୍ୟାଳୟର କେବଳ ଦୁଇଟି ଶ୍ରେଣୀକୁ ସେକ୍ସନ କରାଯାଏ ତେବେ ୬ ଜଣ ଶିକ୍ଷକଙ୍କ ଠାରୁ ଅଧିକ ଅବଶ୍ୟକ । ମାତ୍ର ଶିକ୍ଷକ ଅଭାବରୁ ନବମ ଏବଂ ଦଶମରେ ଗୋଟିଏ ଶ୍ରେଣୀରେ ୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି । ଶିକ୍ଷକଙ୍କୁ ଅନ୍ୟତ୍ର ପଠା ନ ଯିବାକୁ ଛାତ୍ରୀଛାତ୍ର ଅଭିଭାବକ ଦାବି କରିଛନ୍ତି । ସେପଟେ ଦୁଇ ଦୁଇଟି ବିଦ୍ୟାଳୟରେ ପଢାଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଅଭିଭାବକଙ୍କ ରୋଷର ଶୀକାର ହେଉଛନ୍ତି । ୨୦୧୬ରେ ଶିକ୍ଷକ ଅଭାବ ଯୋଗୁ ଅତିରିକ୍ତ ଶିକ୍ଷାଦାନ ପାଇଁ ସାମୁହିକ ନିର୍ଦ୍ଦେଶ କିଛିଦିନ ପାଇଁ କରାଯାଇଥିଲା । ମାତ୍ର ୪ ବର୍ଷ ହେଲା ଏହା ଚାଲିଛି ।

ଏନେଇ କନ୍ଧମାଳ ଶିକ୍ଷା ଅଧିକାରୀ ବିକାଶ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସେ ୨୦୧୬ରେ ରହିଥିବା ନିର୍ଦ୍ଦେଶ ସମ୍ପର୍କରେ ଜାଣି ନ ଥିଲେ, ଏବେ ଶୁଣିଲେ, ଶୀଘ୍ର ସମସ୍ୟାର ସମାଧାନ କରାଯାଇ ଶିକ୍ଷକ ମାନଙ୍କୁ ଅତିରିକ୍ତ ଦାୟିତ୍ୱରୁ ବିରତି ଦିଆଯିବ ବୋଲି କହିଛନ୍ତି । ଖାଲି ପଡ଼ିଥିବା ସୁଜାମାଜୁ ସମେତ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରୟାସ କରିବାକୁ ସେ କହିଛନ୍ତି ।

## ଛତ୍ରପୁର ମହୋତ୍ସବର ତୃତୀୟ ସନ୍ଧ୍ୟା



ଅଭିଜିତ୍ ମଜୁମଦାର୍‌ଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ।

**ଛତ୍ରପୁର,୬।୧୨(ଡି.ଏନ.ଏ.)**

ଛତ୍ରପୁର ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ପାରମ୍ପରିକ ଲୋକକଳା ନୃତ୍ୟ ସହ ବଲିଉଡ୍ ଓ ଓଲିଉଡ୍ ମେଗା ଶୋ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଯୋଗଦେଇଥିଲେ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ ସଂଯୋଜନା କରିଥିଲେ । ଏହି ଅବସରରେ ଘଣ୍ଟ ମୃଦଙ୍ଗ ପାଇଁ ଗଞ୍ଜାମ ବ୍ଲକର ଧନୁର୍ଦ୍ଧର ରେଡ୍ଡୀ ଓ ସଖୀ ନାଚ ପାଇଁ ଭଞ୍ଜନଗର ବ୍ଲକର କାଳୁ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାରାତାରିଣୀ ଜଙ୍କଶନସ୍ଥିତ ନବକଳିକା ପାଲା ସଂଘ ପକ୍ଷରୁ ପାଲା, ଗୁଡିଆଳି ଜଗନ୍ନାଥ ନାଟ୍ୟ ସଂଘ ପକ୍ଷରୁ ଭାରତଲୀଳା, ବ୍ରହ୍ମପୁରସ୍ଥିତ ନାଳନ୍ଦା ଯୁକ୍ତ ୨ ବିଜ୍ଞାନ କଲେଜ ପକ୍ଷରୁ ଗଞ୍ଜାମ ଲୋକନୃତ୍ୟ, ବ୍ରହ୍ମପୁରସ୍ଥିତ ଜେଡିଟି ଡ୍ୟାନ୍ସ ଟ୍ରାକ୍ ଏକାଡେମୀ ପକ୍ଷରୁ ମଡର୍ନ ଡ୍ୟାନ୍ସ, ବ୍ରହ୍ମପୁରସ୍ଥିତ ଆରିୟନ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଡର୍ନ ଡ୍ୟାନ୍ସ, ଭାଟକୁମରଡାସ୍ଥିତ ପ୍ରାଣବନ୍ଧୁ ନୃତ୍ୟ ଅନୁଷ୍ଠାନ ପକ୍ଷରୁ କୁଚିପୁଡି ଡ୍ୟାନ୍ସ, ଭୁବନେଶ୍ୱର ତ୍ରିଧାରା ପକ୍ଷରୁ ଓଡିଶୀ ନୃତ୍ୟ ଓ ବିଦିଶା ପାତ୍ରଙ୍କ ପକ୍ଷରୁ ସୋଲୋ ସଙ୍ଗ୍ ପରିବେଷଣ ହୋଇଥିଲା । ପରେ ଅଭିଜିତ ମଜୁମଦାର ଓ ତାଙ୍କ ଗ୍ରୁପ୍ ଏବଂ ରେପେର ବିଗଡିଲ୍ ପକ୍ଷରୁ ମେଗା ଶୋ ପରିବେଷଣ କରାଯାଇଥିଲା ।

ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା

# ୫୦ ରୋଜଗାରକ୍ଷମ ଯୁବତୀଯୁବକ ଅନୁଭୂତି କହିଲେ




ମୋ ସଫଳତା ପୁସ୍ତକ ଉନ୍ମୋଚିତ ହେଉଛି ।

**ଛତ୍ରପୁର,୬।୧୨(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଜଗାରକ୍ଷମ ହୋଇଥିବା ୫୦ ଯୁବତୀଯୁବକ, ୧୩୦ ବର୍ତ୍ତମାନର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ଏବଂ ଧନ୍ଦାମୂଳକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏହି ବୈଠକ ହୋଇଥିଲା । ରୋଜଗାରକ୍ଷମ ହୋଇଥିବା ଯୁବତୀଯୁବକ ଏବଂ ସେମାନଙ୍କ ଅଭିଭାବକମାନେ ନିଜ ନିଜର ଅନୁଭୂତି କହିଥିଲେ । ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ରବି ନାରାୟଣ ତ୍ରିପାଠୀ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ଆର୍.ଏନ୍.ଖିଲାନୀ, ଅତିରିକ୍ତ ସହକାରୀ ନିର୍ଦ୍ଦେଶକ (ଓରମାସ) ଜ୍ୟୋତି ମହାନ୍ତି, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇଥିଲେ । ଏହି ପରପ୍ରେକ୍ଷୀରେ ମୋ ସଫଳତା ପୁସ୍ତକ ଉନ୍ମୋଚିତ ହାଇଥିଲା । ଏଥିରେ ରୋଜଗାରକ୍ଷମ ଯୁବତୀ ଯୁବକଙ୍କ ସମ୍ପର୍କରେ ବସ୍ତୃତ ଭାବେ ବର୍ଣ୍ଣନା ରହିଛି । ବରିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

**କାର୍ଯ୍ୟରେ ଅବହେଳା**

### ବରଡାବିଲି ପିଇଓ ନିଲମ୍ବିତ

**ଛତ୍ରପୁର,୬।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବରଡାବିଲି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସନ୍ଧ୍ୟା ରାଣୀ ବେହେରାଙ୍କୁ ଶୁକ୍ରବାର ଚାକିରିରୁ ନିଲମ୍ବିତ କରାଯାଇଛି । କର୍ତ୍ତବ୍ୟରେ ଅବହେଳା, ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବମାନନା ଓ ଦୁର୍ବ୍ୟବହାର ପିଇଓ ବେହେରାଙ୍କୁ ମହଙ୍ଗା ପଡିଛି । ଗଞ୍ଜାମ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ନିଲମ୍ବନ ପରେ ତାଙ୍କୁ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନ୍ୟାଦେଶ ପର୍ଯ୍ୟନ୍ତ ଦୈନିକ ଉପସ୍ଥିତ ରହିବାକୁ ଆଦେଶ ପ୍ରଦାନ କରାଯାଇଛି । ଓଡିଶା ସେବା ପ୍ରାଧିକରଣ ଅଧିନିୟମ ୧୯୬୨ ଧାରା ୯୦ ଅନୁଯାୟୀ ତାଙ୍କୁ ନିଲମ୍ବନ ସମୟର ଭତ୍ତା ପ୍ରଦାନ କରାଯିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଖଲ୍ଲିକୋଟ,୬।୧୨(ଡି.ଏନ.ଏ.)**

ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, କଲେଜ ପ୍ରଶାସନିକ ଅଧିକାରୀ ବିମଳ ପ୍ରସାଦ ସାହୁ, ଓଡ଼ିଆ ଅଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ଅଧ୍ୟାପକ ପାଣିଗ୍ରାହୀ ଛାତ୍ରୀଙ୍କ ସାହସ ଅଭିବୃଦ୍ଧି ନିମନ୍ତେ ପ୍ରଥମେ ଏହି ମହାବିଦ୍ୟାଳୟରୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା । ପ୍ରତିବର୍ଷ ଏହି ତାଲିମ ଦିଆଯାଉଛି । ପ୍ରାକ୍ତନ ଛାତ୍ରୀ ଭାରତୀ ଗୌଡ଼, ସ୍ୱାତୀ ବନ୍ଦନା ଶତପଥୀ, ବାସନ୍ତୀ ପ୍ରଧାନ ପ୍ରମୁଖ ବିଦ୍ୟାର୍ଥୀଙ୍କୁ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମରେ ଡ. ଅନୀତା କୁମାରୀ ପଣ୍ଡା, ଗଙ୍ଗୋତ୍ରୀ ଦେବୀ, ସୋନିଆ ବିଶୋଇ ପ୍ରମୁଖ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।



ମଞ୍ଚାସୀନ ଅତିଥିବୃନ୍ଦ ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

**ଶେରଗଡ,୬।୧୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଅଣ୍ଡରାସିଂହ ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଉଦ୍ଧାର କରିଛି । ସେ ହେଲେ ଭାରତୀ ନାୟକ (୨୧) । ଖବର ପାଇ ଶେରଗଡ ପୋଲିସ ପହଞ୍ଚିଥିଲା । ଭାରତୀଙ୍କ ବାପା ପାଟପୁର ବ୍ଲକ ଅନ୍ତର୍ଗତ ନରସିଂହଗଡର ପ୍ରଫୁଲ୍ଲ ବେହେରା ପହଞ୍ଚି ଝିଅଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ପୋଲିସକୁ କହିଥିଲେ । ନଂ.୧୧୮/୨୦୧୯ ପ୍ରକାରେ ମାମଲା ରୁଜୁ କରି ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି । ଭାରତୀଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ପୋଲିସ ଅଟକ ରଖି ପଚରା ଉଚୁରା ଚଳାଇଛି । ମାତ୍ର ଶାଶୁଘର ଲୋକେ ଝିଅ ଆତ୍ମହତ୍ୟା କରିଥିବା କହିଛନ୍ତି ।

ପ୍ରକାଶ ଯେ, ନରସିଂହଗଡର ପ୍ରଫୁଲ୍ଲଙ୍କ ଝିଅ ଭାରତୀ ସହ ଶେରଗଡ ବ୍ଲକ ଅଣ୍ଡରାସିଂହ ଗ୍ରାମର ଉମାକାନ୍ତଙ୍କର ୨୦୧୭ରେ ବିବାହ ହୋଇଥିଲା । ଉମାକାନ୍ତ ଭୁବନେଶ୍ୱରରେ ରହି କାମ କରନ୍ତି । ବିବାହର କିଛିଦିନ ପରେ ଶାଶୁଘର ଲୋକେ ଯୌତୁକ ଦାବିରେ ନିର୍ଯାତନା ଦେଇଥିଲେ । ଭାରତୀ ବାପ ଘରକୁ ଚାଲି ଆସିଥିଲେ । ଏନେଇ ପାଟପୁର ଥାନାରେ ଅଭିଯୋଗ ହୋଇଥିଲା । ଆପୋଷ ଆଲୋଚନା ପରେ ସମାଧାନ ହୋଇ ୩ମାସ ତଳେ ଶାଶୁଘର ଲୋକେ ଭାରତୀଙ୍କୁ ନେଇଥିଲେ । ଶୁକ୍ରବାର ସକାଳେ ଭାରତୀ ଫୋନ୍ କରି ପାଟପୁର ଥାନାରୁ ମାମଲା ଉଠାଇ ଦିଅ ନ ହେଲେ ମୋ ଶାଶୁ ମାରଧର କରୁଛନ୍ତି ବୋଲି ଭାଇଙ୍କୁ ଫୋନ କରି ଜଣାଇଥିଲେ । ପରେ ଅପରାହ୍ନ ପ୍ରାୟ ସାଢେ ୨ଟାରେ ଭାରତୀଙ୍କର ମୃତ୍ୟୁ ଘଟିଥିବା ଶାଶୁଘର ଲୋକେ ଜଣାଇଥିଲେ ବୋଲି ତାଙ୍କ ଭାଇ କହିଛନ୍ତି ।

**ଶାଶୁ ଶ୍ୱଶୁର ଅଟକ**

## ମୋ ଗାଁରେ ତହସିଲ, ମୋ ନିବେଦନ କାର୍ଯ୍ୟକ୍ରମ

**ବୁଗୁଡ଼ା,୬।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଶୁକ୍ରବାର ମୋ ଗାଁରେ ତହସିଲ ଓ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଣିତରା ସରପଞ୍ଚ ଶାନ୍ତିଲତା ନାୟକ, ତହସିଲଦାର ସଂଗ୍ରାମ କେଶରୀ ଜେନା, ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା, କନିଷ୍ଠ ଯନ୍ତ୍ରୀ ସୁକାନ୍ତ କୁମାର ବେହେରା, ସୁକାନ୍ତ ପରିଡ଼ା ଉପସ୍ଥିତ ଥିଲେ । ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ମୋଟ ୪୦ ଆବେଦନ ପଞ୍ଜୀକରଣ ହୋଇଥିବା ବେଳେ ନିବେଦନ କାର୍ଯ୍ୟକ୍ରମରେ ୧୫ ଆବେଦନ ପଞ୍ଜୀକୃତ ହୋଇଥିଲା । ଏହି ଅବସରରେ ତହସିଲ ପ୍ରଶାସନ ପକ୍ଷରୁ ୧୦ ଜମିପଟ୍ଟା ବଣ୍ଟନ କରାଯାଇଥିଲା ।

# ସମୀକ୍ଷା କଲେ ଆବାସ ଯୋଜନା ନିର୍ଦ୍ଦେଶକ

**ଗୋପାଳପୁର,୬।୧୨**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନିର୍ଦ୍ଦେଶକ ଓ ପିଡି ଗୁରୁବାର ଗୋପାଳପୁର ଏନ୍‌ଏସି ପରିଦର୍ଶନ କରିଛନ୍ତି । ସନ୍ଧ୍ୟାରେ ଆବାସ ଯୋଜନା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ, ପିଡି ଡୁଡା ସୁଦାମ ଚରଣ ମଣ୍ଡଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଏବଂ ଅନ୍ୟ ଅଧିକାରୀ ଗୋପାଳପୁର ଏନ୍‌ଏସିର ୨, ୭ ଓ ଅନ୍ୟ ୱାର୍ଡ ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ଭେଟିବା ସହ ସମୀକ୍ଷା କରିଛନ୍ତି । ଏନ୍‌ଏସିରେ ୭୪୫ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଦିଆଯାଇଥିଲା । କେଉଁ କାରଣରୁ ଘର ନିର୍ମାଣ ମନ୍ଥର ଗତିରେ ଚାଲିଛି, ୧୬୦ ହିତାଧିକାରୀ ଏହି ଯୋଜନାରେ ଗୃହ ନିର୍ମାଣ କରିନାହାନ୍ତି ଓ ୩୦୦ ହିତାଧିକାରୀ ଘର ନିର୍ମାଣ କରିଛନ୍ତି, ୪୯ ଜଣ କାଗଜପତ୍ର ଠିକ ନ ଥିବା ଓ ଏନଏସିରେ ନ ଥିବା ବେଳେ କାର୍ଯ୍ୟାଦେଶ ଦିଆଯାଇପାରି ନାହିଁ । ତେବେ ଅଧିକାରୀମାନେ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କର ନ ଚେତ ଏହି ଯୋଜନାରୁ ବଞ୍ଚିତ ହେବେ ବୋଲି କହିଥିଲେ । ଅଧିକାରୀମାନେ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ଜେଇ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନେ କିଭଳି ଗୃହ କାର୍ଯ୍ୟ ଶୀଘ୍ର ସାରିବେ ସେନେଇ ସମୀକ୍ଷା କରିଥିଲେ । ଏହି ଅବସରରେ ରଶ୍ମୀରାଣୀ ନାୟକ, ପ୍ରିୟରଞ୍ଜନ ମହାରଣା, ବି. ସୁଶୀଳା, କେ. ବାଙ୍ଗାରୀ, ପ୍ରଶାନ୍ତ ତ୍ରିବେଦୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନିର୍ଦ୍ଦେଶକ ଓ ପିଡି ।

# ଗଞ୍ଜାମ ପୋଲିସ ଜିଲାସ୍ତରୀୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ

**ଛତ୍ରପୁର,୬।୧୨(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଶୁକ୍ରବାର ଛତ୍ରପୁର ପୋଲିସ ପଡିଆରେ ୫୭ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଯୋଗଦେଇ ଗୃହରକ୍ଷୀମାନେ ସବୁବେଳେ ନିଜ କର୍ତ୍ତବ୍ୟ ପ୍ରତି ହେଳା ନ କରି କର୍ମକରି ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ । ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ଟ୍ରାଫିକ ଡ୍ୟୁଟି, ବନ୍ୟା ବତ୍ୟା ସବୁକ୍ଷେତ୍ରରେ ହୋମଗାର୍ଡଙ୍କ ବିନା ସହାୟତାରେ କୌଣସି କାମ ହୋଇପାରିବ ନାହିଁ । କୌଣସି ଦୁର୍ଘଟଣା ଘଟିଲେ ସେଠାରେ ସେମାନେ ଦିବାରାତ୍ର ଏକ କରି ଜଗି ରହିଥାନ୍ତି ବୋଲି ଏସ୍‌ପି ରଏ କହିଥିଲେ । ଫନୀ, ବୁଲବୁଲ ବାତ୍ୟା ଓ ବନ୍ୟା ସମୟରେ ଗୃହରକ୍ଷୀମାନଙ୍କ କାର୍ଯ୍ୟକୁ ଏସ୍‌ପି ପ୍ରଶଂସା କରିଥିଲେ । ଜିଲାରେ ବର୍ତ୍ତମାନ ଗୃହରକ୍ଷୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିଲା । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଆସିଥିବା ବାର୍ତ୍ତାକୁ ଏସ୍‌ପି ପାଠ କରିଥିଲେ । । ଏହି ଅବସରରେ ଜାତୀୟ ଭାରୋତ୍ତୋଳନରେ ଶେରଗଡ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ଦେବାଶିଷ ମହାନ୍ତି ରୌପ୍ୟ ପଦକ ହାସଲ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ଗୃହରକ୍ଷୀ ଭାବେ ଏସ୍‌ପି ସମ୍ମାନିତ କରିଥିଲେ । ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଡେମୋ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଠାକୁର ପ୍ରସାଦ ପାତ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର, ଡିଏସ୍‌ପି ଅଜୟ କୁମାର ମିଶ୍ର, ଡିଏସ୍‌ପି ସଞ୍ଜୟ କୁମାର ମହାପାତ୍ର, ଏସ୍‌ଡିପିଓ ଗୌତମ କିଷାନ, ସର୍ଜେଣ୍ଟ ସଞ୍ଜୟ କୁମାର ବାରିକ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ମେରାଇନ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନ ଉପସ୍ଥିତ ଥିଲେ । ଏସ୍.ପର୍ଶୁରାମ ରେଡ୍ଡୀ ଓ ପ୍ରଶାନ୍ତ କୁମାର ନନ୍ଦ ଏଠାରେ ଆୟୋଜିତ ପରେଡ ପରିଚାଳନା କରିଥିଲେ ।



ଏସ୍‌ପି ବ୍ରିଜେଶ କୁମାର ରଏ ସମ୍ମାନିତ କରୁଛନ୍ତି ।

## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୬।୧୨:** ସରକାରୀ ରେଲବାଇ ପୋଲିସ (ଜିଆରପି) ଶୁକ୍ରବାର ବ୍ରହ୍ମପୁର ରେଲଷ୍ଟେଶନ ନିକଟ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୫ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଯୁବକ ଜଣକ କଳା ରଙ୍ଗର ଫୁଲ ପ୍ୟାଣ୍ଟ ଓ ଏକ ଟି-ଶାର୍ଟ ପିନ୍ଧିଥିବା ପୋଲିସ କହିଛି। ମୃତଦେହ ଜବତ କରି ନଂ.୬୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିଚୟ ସ୍ପଷ୍ଟ ପାଇଁ ମୃତଦେହ ସଂରକ୍ଷଣ ଗୃହରେ ୭୨ ଘଣ୍ଟା ଯାଏ ସଂରକ୍ଷିତ ରଖାଯାଇଛି। ଯୁବକ ଜଣକ ଟ୍ରେନ ଆସୁଥିବା ବେଳେ ରେଲଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି।

### ବି.ଆର୍. ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ

**ଛତ୍ରପୁର,୬।୧୨(ଡି.ଏନ.ଏ):** ବ୍ରହ୍ମପୁର ସଂସାର ଅନୁଷ୍ଠାନ ଓ ଛତ୍ରପୁର ଦଳିତ ସହାୟକ ପ୍ରତିଷ୍ଠାନ ମିଳିତ ଉଦ୍ୟମରେ ପଣ୍ଡିତ ନୀଳକଣ୍ଠ କଲେଜରେ ସମ୍ବିଧାନ ପ୍ରଣେତା ଡ. ବି ଆର୍. ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡ. ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଅଧ୍ୟାପକ ଗଙ୍ଗାଧର ପ୍ରଧାନ ଯୋଗଦେଇ ଆମ୍ବେଡକରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସାର ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୁଇଜ୍‌ରେ ଶୁଭଶ୍ରୀ ସୁବୁଦ୍ଧି ପ୍ରଥମ, ଜ୍ୟୋତିର୍ମୟୀ ବେହେରା ଦ୍ୱିତୀୟ, ବିଜ୍ଞାନ ଅଲମ୍ପିଆଡ, ଚିତ୍ରାଙ୍କନ, ଯୋଗ, ନୃତ୍ୟ, ଇଂଲିଶ ବକ୍ତୃତା ଓ ଷ୍ଟୋରୀ ରାଇଟିଙ୍ଗ୍ ଆଦିରେ ଅଲରାଉଣ୍ଡର ବ୍ରହ୍ମପୁର ସେଣ୍ଟଭିନ୍‌ସେଣ୍ଟ କନଭେଣ୍ଟ ସ୍କୁଲ ଛାତ୍ର ଓଁକାର ପ୍ରସାଦ, ନୃତ୍ୟ ଓ ଯୋଗ ପାଇଁ ଆରାଧନା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଜଗନ୍ନାଥ ଦାସ ଓ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନ ସଭାପତି କାଳୁ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

### ୪ରେ ମହେନ୍ଦ୍ର ଉତ୍ସବ

**ରାୟଗଡ (ଗଜପତି), ୬।୧୨:** ଗଜପତି ଜିଲା ରାୟଗଡ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଗଜପତି ଉତ୍ସବ ତଥା ମହେନ୍ଦ୍ର ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଲୋକାସ ପ୍ରଧାନ ଅଧକ୍ଷତା କରିଥିଲେ। ବୈଠକରେ ଅଧକ୍ଷ ଧନେଶ୍ୱର ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲୀପ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ଏବିଡିଓ ପୀତାମ୍ବର ବେହେରା, ଡାକ୍ତର ଅଜିତ ସାହୁ, ଡବ୍ଲ୍ୟୁଇଓ ସଲୋମନ ରାଇକା, କନିଷ୍ଠ ଯନ୍ତ୍ରୀ ନାଗେଶ୍ୱର ସେନାପତି, ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଏସ. ମଣିମାଳା ମଞ୍ଚାସୀନ ଥିଲେ। ଏହି ଉତ୍ସବ ଜାନୁୟାରୀ ୪ ଓ ୫ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଡିସେମ୍ବର ୩୦ତାରିଖରେ ଜିଲା ପ୍ରଶାସନ ମହେନ୍ଦ୍ରଗିରି ପର୍ବତରୁ ମଶାଲ ଆଣି ଲାଞ୍ଜିପଦରଛକରେ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିବା ପରେ ତାହାକୁ ଆଣି ହାଟପଦାସ୍ଥିତ ଈଶ୍ୱରମନ୍ଦିରଠାରେ ରଖାଯିବ।

## ୧୫୬ ବର୍ଷର ବ୍ରହ୍ମପୁର ମଣ୍ଡଳ କାରାଗାର

# ରାଜ୍ୟର ଏକମାତ୍ର ଫାଶୀଖୁଣ୍ଟ, ନାହାନ୍ତି ଘାତକ

**ବ୍ରହ୍ମପୁର ଅଫିସ,୬।୧୨**

ବ୍ରିଟିଶ ଶାସନରେ ଏବଂ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିବା ବେଳେ ୧୮୬୩ରେ ସ୍ଥାପିତ ହୋଇଥିଲା ବ୍ରହ୍ମପୁର ମଣ୍ଡଳ କାରାଗାର। ୧୫୬ ବର୍ଷର ଏହି ପୁରାତନ ଜେଲରେ ଅଛି ରାଜ୍ୟର ଏକମାତ୍ର ଫାଶୀ ଖୁଣ୍ଟ। ଦେଶ ସ୍ୱାଧୀନତା ପାଇଁ ଆନ୍ଦୋଳନରେ ସାମିଲ ହୋଇଥିଲେ ଅନେକ ସଂଗ୍ରାମୀଙ୍କୁ ଏହି କାରାଗାରରେ ବନ୍ଦୀ କରିଥିଲେ ଗୋରା ସରକାର। ସେମାନଙ୍କ ମଧ୍ୟରେ ଥିଲେ ବିପ୍ଳବୀ ଆଦିବାସୀ ନେତା ତଥା ମହାନ ଦେଶପ୍ରେମୀ ସଂଗ୍ରାମୀ ଲକ୍ଷ୍ମଣ ନାୟକ। ବିଭିନ୍ନ ମାମଲାରେ ଛନ୍ଦି ବ୍ରିଟିଶ ସରକାର ତାଙ୍କୁ ୧୯୪୩ ମାର୍ଚ୍ଚ ୨୯ରେ ଏହି ଜେଲରେ ପାଶି ଖୁଣ୍ଟରେ ଝୁଲାଇଥିଲେ। ତେଣୁ ସେ ଶହୀଦ ଆଖ୍ୟା ପାଇଛନ୍ତି ଏବଂ ସବୁ ବର୍ଷ ତାଙ୍କ ଜନ୍ମଦିନ ଏବଂ ଶହୀଦ ଦିବସରେ ଜେଲ ସାମ୍ନାରେ ଥିବା ପ୍ରତିମୂର୍ତ୍ତି ସ୍ଥଳରେ ସ୍ମୃତିଚାରଣ ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସରକାରୀ ଭାବେ କରାଯାଉଛି। ଲକ୍ଷ୍ମଣ ନାୟକ ଜେଲର ଯେଉଁ ସେଲରେ ବନ୍ଦୀ ଜୀବନ ବିତାଇଥିଲେ ତାହାକୁ ଜାତୀୟ ସ୍ମୃତିପୀଠ କରାଯାଇଛି।

ସୂଚନାଯୋଗ୍ୟ, ଜେଲ ଭିତରେ ଫାଶୀଖୁଣ୍ଟ ଥିଲେ ମଧ୍ୟ ଝୁଲାଇବା ପାଇଁ ସ୍ଥାୟୀ ଘାତକ ନାହାନ୍ତି। ୧୯୪୩ରୁ ୧୯୯୪ ସୁଦ୍ଧା ମାତ୍ର ୬ ଜଣଙ୍କୁ ଫାଶୀ ଦିଆଯାଇଛି। ୧୯୯୦ ଫେବୃୟାରୀ ମାସରେ ମୟୂରଭଞ୍ଜ ଜିଲାର ଲକ୍ଷ୍ମଣ ନାୟକ ନାମକ ଜଣେ ଅପରାଧୀ ୭ ବର୍ଷର ଶିଶୁ କନ୍ୟାକୁ ଜଙ୍ଗଲରେ

**୧୯୪୩ରୁ ୧୯୯୪ ମଧ୍ୟରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ୫ ଅପରାଧୀଙ୍କୁ ଫାଶୀ**

ବଳାତ୍କାର କରିବା ପରେ ନୃଶଂସ ଭାବେ ହତ୍ୟା କରିଥିଲା। ଏଭଳି ଜଘନ୍ୟ କାଣ୍ଡର ବିଚାର କରି ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ। ଉପର କୋର୍ଟରେ ତାହା କାଏମ ରହିବାରୁ ୧୯୯୪ ଜୁଲାଇ ୧୬ରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏହି ଅପରାଧୀଙ୍କୁ ଏଠାର ଜେଲରେ ଫାଶୀ ଦିଆଯାଇଥିଲା। ତା ପରଠାରୁ ଆଉ କେହି ଫାଶୀଖୁଣ୍ଟରେ ଝୁଲି ନାହାନ୍ତି। ଘାତକ ନ ଥିବାରୁ ଆବଶ୍ୟକ ସ୍ଥଳେ ବିହାର ଓ ଗୋଆରୁ ତାଲିମପ୍ରାପ୍ତ ଘାତକଙ୍କୁ ଏଠାକୁ ଅଣାଯାଉଛି।

ଇତିମଧ୍ୟରେ ରାଜ୍ୟର ଗୁଣପୁର, ଅନୁଗୋଳ ଓ ଅନ୍ୟ ସ୍ଥାନର କେତେକ ନାବାଳିକା ବଳାତ୍କାର, ଗଣହତ୍ୟା ଆଦି ଅଭିଯୋଗରେ କୋର୍ଟ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଯଦି କାଏମ ରହିବ ତେବେ ସେମାନଙ୍କୁ ବ୍ରହ୍ମପୁର ଜେଲର ଫାଶୀଖୁଣ୍ଟରେ ଝୁଲାଯିବ। ଫାଶୀ ଦେବା ପାଇଁ ବାହାର ପ୍ରଦେଶରୁ ଭଡ଼ାରେ ଘାତକ ଅଣାଯିବ। ନାବାଳିକା ଓ ଯୁବତୀଙ୍କୁ ବଳାତ୍କାର ଓ ଗଣ ବଳାତ୍କାର ଘଟଣାର ବିଚାର ପାଇଁ ପୋକ୍‌ସୋ କୋର୍ଟରେ କରାଯାଉଛି। ସଙ୍ଗିନ ମାମଲାରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉଛି। ଚଳିତ ବର୍ଷ ଏଭଳି ଘଟଣାମାନ ଘଟିଛି। ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଘାତକ ଖୋଜାପଡୁଛି।

## ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ


ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

**କୋଦଳା,୬।୧୨(ଡି.ଏନ.ଏ.)**

କୋଦଳା ଏନ୍‌ଏସି ନିକଟରେ ଥିବା ପଡିଆରେ ଶୁକ୍ରବାର ବର୍ଜ୍ୟବସ୍ତୁ କେନ୍ଦ୍ର ନିର୍ମାଣ ନିମନ୍ତେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ତହସିଲଦାର ପ୍ରଭାତ କୁମାର ପରିଡା, ପୌର ଯନ୍ତ୍ରୀ ପ୍ରଦୀପ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ସୂଚନା ଦେଇଥିଲେ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ହେବାପରେ କୋଦଳା ସହର ଅନ୍ତର୍ଗତ ସମସ୍ତ ବାସଗୃହ ସମେତ ବିଭିନ୍ନ ବଜାରରୁ ବାହାରୁଥିବା ଆବର୍ଜନା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ସଂଗ୍ରହ କରି ସେଗୁଡିକୁ ଓଦା ଓ ଶୁଖିଲା ଦୁଇଭାଗରେ ବିଭକ୍ତ କରାଯିବ। ଶୁଖିଲା ବର୍ଜ୍ୟବସ୍ତୁକୁ କବାଡିଆଙ୍କୁ ବିକ୍ରି କରାଯିବ ଏବଂ ଓଦା ବର୍ଜ୍ୟବସ୍ତୁକୁ ଉନ୍ନତ ମାନର ଖତସାର ସଂଗ୍ରହ କରି କୃଷକମାନଙ୍କ ସୁବିଧା ନିମନ୍ତେ କମ୍ ଦରରେ ବିକ୍ରି କରାଯିବା ନିମନ୍ତେ ସ୍ୱଚ୍ଛ ଭାରତ ମିଶନର ଏହା ଏକ ଅଭିନବ ପ୍ରୟାସ। ପରେ ବିଧାୟିକାଙ୍କ ଦ୍ୱାରା ଭତ୍ତା ବଣ୍ଟନ କରାଯାଇଥିଲା।

## ୫୭ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ

# ସେବା ମନୋବୃତ୍ତି ନେଇ କାମ କରିବାକୁ ଆହ୍ୱାନ


ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ଡିଆଇଜି ସତ୍ୟବ୍ରତ ଭୋଇ।

**ବ୍ରହ୍ମପୁର ଅଫିସ,୬।୧୨**

ଆମ୍ବପୁଆ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରବାର ୫୭ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆରକ୍ଷୀ ଉପ ମହାନିରୀକ୍ଷକ (ଡିଆଇଜି) ସତ୍ୟବ୍ରତ ଭୋଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପଢି ଶୁଣାଇଥିଲେ। ଆଇନ ଶୃଙ୍ଖଳା, ପ୍ରାକୃତିକ ବିପର୍ଯ୍ୟୟ, ଟ୍ରାଫିକ ନିୟନ୍ତ୍ରଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ଗୃହରକ୍ଷୀଙ୍କ କାର୍ଯ୍ୟଦକ୍ଷତା ପ୍ରଶଂସନୀୟ ବୋଲି ଡିଆଇଜି ଭୋଇ କହିଥିଲେ। ସେହିପରି ଗୃହରକ୍ଷୀମାନେ ଯେ କୌଣସି ପରିସ୍ଥିତିରେ ସେବା ମନୋବୃତ୍ତି ନେଇ ସମାଜର ବିଭିନ୍ନ କ୍ଷେତ୍ରରେ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଦିନକୁ ଦିନ ଗୃହରକ୍ଷୀଙ୍କ ଦାୟିତ୍ୱ ବଢ଼ିବାରେ ଲାଗିଛି। ଏଣୁ ସେମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସମ୍ପ୍ରତି ଏହାକୁ ବୃତ୍ତିଗତ କରାଯାଇଛି ବୋଲି ସେ କହିଛନ୍ତି। ଗୃହରକ୍ଷୀଙ୍କ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଶ୍ରେଷ୍ଠ ଗୃହରକ୍ଷୀ ଭାବେ ୩ ଜଣଙ୍କୁ ଅତିଥିମାନେ ସମ୍ମାନିତ କରିଛନ୍ତି। ସଦର ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ରିତେନ୍ଦ୍ର କୁମାର ଶତପଥୀଙ୍କୁ ଉଚ୍ଚକୋଟିର କାର୍ଯ୍ୟଦକ୍ଷତା, ଗୋଷାଣୀନୂଆଗାଁ ଥାନାରେ ଥିବା ବିଷ୍ଣୁଦେବ ପଣ୍ଡାଙ୍କୁ ଶାନ୍ତିଶୃଙ୍ଖଳା ଓ ବଡବଜାର ଥାନାର ମିଟୁ ଗୌଡ଼ଙ୍କୁ ଆପରାଧୀକ ଗୁପ୍ତ ତଥ୍ୟ ପ୍ରଦାନ ପାଇଁ ଆର୍ଥିକ ରାଶି ୫୦୦ ଟଙ୍କା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏଥିରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଯୋଗଦେଇ ଗୃହରକ୍ଷୀଙ୍କ ଉଲ୍ଲେଖନୀୟ କାମ ଯୋଗୁ ସେମାନଙ୍କୁ ପ୍ରଶଂସିତ କରିଥିଲେ। ଗୃହରକ୍ଷୀଙ୍କ ସହାୟତାରେ ସହଜରେ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ ହୋଇପାରୁଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି, ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡ଼ିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ରିଜର୍ଭ ଆରଆଇ ଦିଲୀପ ବେହେରା ଓ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

**ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩ ସମ୍ମାନିତ**

## ସାଇବର ଅପରାଧ ତଦନ୍ତ ଉପରେ କର୍ମଶାଳା

**ବ୍ରହ୍ମପୁର ଅଫିସ,୬।୧୨**

ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜସ୍ତରୀୟ ସାଇବର ଅପରାଧ ତଦନ୍ତ ଉପରେ ଶୁକ୍ରବାର ଏକ କର୍ମଶାଳା ବ୍ରହ୍ମପୁରରେ ଆରମ୍ଭ ହୋଇଯାଇଛି। ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜିଙ୍କ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା କର୍ମଶାଳାରେ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନୂତନ ଜ୍ଞାନ ଓ କୌଶଳର ଅପବ୍ୟବହାର କରି ସାଇବର ଅପରାଧ ଘଟାଉଥିବା ଅପରାଧୀଙ୍କୁ କିଭଳି ଠାବ କରାଯିବ ଏବଂ ଏଭଳି ଘଟଣାକୁ ତଦନ୍ତ କରାଯିବ ସେନେଇ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଗଜପତି ଜିଲାର ୧୧୦ ପୋଲିସ ପାହ୍ୟାର ଅଧିକାରୀ ଏବଂ କନଷ୍ଟେବଲ ଏଥିରେ ଅଂଶଗ୍ରହଣ କରି ସାଇବର ଅପରାଧ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। କଟକସ୍ଥିତ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିବା ବେଳେ ଏଥିରେ କ୍ରାଇମବ୍ରାଞ୍ଚର ବରିଷ୍ଠ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ମଧ୍ୟ ଯୋଗ ଦେଇଥିଲେ।

## ଗାଡ଼ି ଧକ୍କାରେ ଯୁବତୀ ଗୁରୁତର

**ବ୍ରହ୍ମପୁର ଅଫିସ,୬।୧୨:** ବ୍ରହ୍ମପୁର ଗେଟ ବଜାର ଛକରେ ଶୁକ୍ରବାର ସକାଳେ ଏକ ଟ୍ରକ ଧକ୍କାରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ବିଷ୍ଣୁ ପ୍ରଧାନ (୩୪)। ତାଙ୍କ ବାମ ଗୋଡ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଟ୍ରାଫିକ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ସିଟି ହସ୍ପିଟାଲ ସରକାରୀ କ୍ୱାର୍ଟର୍ସରେ ରହୁଥିବା ସାରଥି ପ୍ରଧାନଙ୍କ ଝିଅ ବିଷ୍ଣୁ ଚାଲି ଚାଲି କ୍ୱାର୍ଟର୍ସକୁ ଫେରୁଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଛନ୍ତି। ପୋଲିସ ଏବେ ଘଟଣାର ଅନୁସନ୍ଧାନ ଚଳାଇଛି।

## ଆନ୍ତଃ ମହାବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ

# ରମାବତୀ, ଚନ୍ଦନ ଚାମ୍ପିୟନ

**ବ୍ରହ୍ମପୁର ଅଫିସ,୬।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ୫୨ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଓ ମହିଳା ଦୌଡକୁଦ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ ପଟ୍ଟନାୟକ ଯୋଗ ଦେଇଥିଲେ। କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରାୟ, ପୂର୍ବତନ କ୍ରୀଡା ପରିଷଦ ସମ୍ପାଦକ ସୁବାସ ଚନ୍ଦ୍ର ପରିଡା, କ୍ରୀଡାବିତ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟ୍‌ପୁଟ ଥ୍ରୋ, ଜାଭଲିନ ଥ୍ରୋ, ଡିସକସ୍ ଥ୍ରୋ, ୪୦୦ ମିଟର ରିଲେ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ପୁରୁଷ ବର୍ଗରେ ୧୫୦୦, ୫୦୦୦, ୧୦୦୦୦ ମିଟର ଦୌଡ, ଟ୍ରିପଲ ଜମ୍ପ, ହମର, ୧୬୦୦ ମିଟର ରିଲେ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଉମରକୋଟ ପେଣ୍ଡ୍ରାନି ମହାବିଦ୍ୟାଳୟ ଛାତ୍ରୀ ରମାବତୀ ହରିଜନ ୧୦୦ମିଟର ଦୌଡରେ ପ୍ରଥମ, ୨୦୦ ମିଟର ଦୌଡରେ ଦ୍ୱିତୀୟ, ଲମ୍ବଡିଆଁରେ ପ୍ରଥମ, ଡିସ୍‌କସ୍‌ରେ ତୃତୀୟ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳାବର୍ଗରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଦଳଗତ ଭାବେ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗରେ ସିମିଳିଗୁଡା ମହାବିଦ୍ୟାଳୟର ଚନ୍ଦନ ବେଡି ୧୦୦ ମିଟର, ୨୦୦ମିଟର ଦୌଡ, ଲମ୍ବଡିଆଁ, ଟ୍ରିପଲ ଜମ୍ପରେ ପ୍ରଥମ ହୋଇ ଚାମ୍ପିୟନ ହୋଇଛନ୍ତି। ସିମିଳିଗୁଡା ମହାବିଦ୍ୟାଳୟକୁ ଦଳଗତ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ କ୍ରୀଡା ଶିକ୍ଷକ ରେଫେରି ଭାବେ କ୍ରୀଡା ପରିଚାଳନା କରିଥିବା ବେଳେ କ୍ରୀଡା ପରିଷଦର ରବି ଚରଣ ମିଶ୍ର, ରାଜେଶ କୁମାର ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ବ୍ରହ୍ମପୁର ଅଫିସ,୬।୧୨**

ଅଦ୍ୱୈତା ଅନୁଷ୍ଠାନ ପକ୍ଷରୁ ଅସହାୟ ବ୍ୟକ୍ତିମାନଙ୍କୁ ଶୁକ୍ରବାର ଶୀତବସ୍ତ୍ର ବଣ୍ଟନ କରାଯାଇଛି। ବର୍ତ୍ତମାନ ବ୍ରହ୍ମପୁର ସହରରେ କିଛିଦିନ ହେବ ଶୀତର ପ୍ରଭାବ ବୃଦ୍ଧି ପାଉଛି। ଏଥି ନିମନ୍ତେ ଖୋଲା ଆକାଶ ତଳେ ଜୀବନ ବିତାଉଥିବା କେତେକ ଗରିବ ଏବଂ ଅସହାୟ ଲୋକଙ୍କୁ ଏହି ପରିପେକ୍ଷୀରେ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ପ୍ରଥମେ ଅନୁଷ୍ଠାନ କର୍ମକର୍ତ୍ତାମାନେ ସ୍ଥାନୀୟ ରେଳ ଷ୍ଟେଶନରେ ଖୋଲା ଆକାଶ ତଳେ ଶୋଇଥିବା ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ଏବଂ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହାପରେ ବିଜିପୁର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ସିଟି ହସ୍ପିଟାଲ ଆଦି ଅଞ୍ଚଳରେ ଖୋଲା ଆକାଶ ତଳେ ଶୋଇଥିବା ଲୋକଙ୍କୁ ମଧ୍ୟ ଶୀତବସ୍ତ୍ର ଓ ଫଳ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳରେ ଥିବା ଅସହାୟ ଲୋକଙ୍କୁ ଶୀତବସ୍ତ୍ର ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ନିମନ୍ତେ ଅନୁଷ୍ଠାନ ଉଦ୍ୟମ ଜାରି ରଖିଥିବା କର୍ମକର୍ତ୍ତାମାନେ କହିଛନ୍ତି। ଏଥିରେ ରଞ୍ଜନା ମିଶ୍ର, ସଂଘମିତ୍ରା ବେହେରା, ସତ୍ୟନାରାୟଣ ମିଶ୍ର, ଶ୍ରଦ୍ଧାଞ୍ଜଳି ପାଢ଼ୀ, ପ୍ରଣବ ପଣ୍ଡା, ମଞ୍ଜୁଶ୍ରୀ ପଣ୍ଡା, ମିନତି ମହାନ୍ତ, ଗୁରୁଚରଣ ପାତ୍ର, ବିଷ୍ଣୁପ୍ରିୟା ପାଢ଼ୀ, ରବୀନ୍ଦ୍ର ମିଶ୍ର ଓ ଅଦିକନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ୟାଙ୍କର ଧକ୍କାରେ ଜଣେ ମୃତ

**ବ୍ରହ୍ମପୁର ଅଫିସ,୬।୧୨**

ପାଣି ଟ୍ୟାଙ୍କର ଧକ୍କାରେ ଶୁକ୍ରବାର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଜ୍ୟୋତି ରେସିଡେନ୍ସି ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆ ଖଜୁରିଆର ଦଣ୍ଡପାଣି ସାସମଲ (୫୪) ବୋଲି ଟ୍ରାଫିକ ଏସ୍‌ଆଇ ଗୁଣନିଧି ମଲ୍ଲିକ ସୂଚନା ଦେଇଛନ୍ତି। ମୃତଦେହ ଜବତ କରି ପୋଲିସ ନଂ.୩୩/୧୯ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ଡ୍ରାଇଭର ଦେବରାଜ ମହାନ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି କହିଛି। ଘଟଣାରୁ ପ୍ରକାଶ, ଦଣ୍ଡପାଣି ଗାନ୍ଧୀନଗରରେ ଥିବା ଏକ ଚିକେନ ଦୋକାନରେ କାମ କରନ୍ତି। ସେ ଶୁକ୍ରବାର ସକାଳେ ଚା' ଆଣିବା ପାଇଁ ସାଇକେଲରେ ପୁରୁଣା ବସ୍‌ଷ୍ଟାଣ୍ଡ ଆସିଥିଲେ। ଚା' ଧରି ସେ ଫେରୁଥିବା ବେଳେ ଏକ ପାଣି ଟ୍ୟାଙ୍କର ତାଙ୍କ ସାଇକେଲ ଉପରେ ମାଡି ଯାଇଥିଲା। ଫଳରେ ଦଣ୍ଡପାଣି ରାସ୍ତା ଉପରେ ପଡ଼ିଥିଲେ ଏବଂ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ଇଞ୍ଜିନିୟରିଂ କଲେଜରେ ଜାତୀୟ ଆଲୋଚନାଚକ୍ର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ମହାବିଦ୍ୟାଳୟର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ,୬।୧୨**

ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ବୈଦ୍ୟୁତିକ ବିଭାଗର ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ମାର୍ଟ-ଗ୍ରୀଡ ଓ ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଶୀର୍ଷକ ଆଲୋଚନାଚକ୍ରକୁ ଦିଲ୍ଲୀ ଆଇଆଇଟି ପ୍ରଫେସର ଡ. ସୁକୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓପିଟିସିଏଲର ଡିଜିଏମ୍ ଇଂ. ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି, ପାଟଣା ଆଇଆଇଟି ପ୍ରଫେସର ଡ. ରଞ୍ଜନ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଶରତ କୁମାର ସାହୁ, ପ୍ରଫେସର ଡ. ତ୍ରିଲୋଚନ ରାଉତ, ଆବାହକ ପ୍ରଫେସର ଡ. ତାପସ କୁମାର ପାଣିଗ୍ରାହୀ, ପ୍ରଫେସର ଡ. ଭାଗବତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ମାର୍ଟ ଗ୍ରୀଡ ସମ୍ପର୍କିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋଚନା କରିବା ସହ ବୈଦ୍ୟୁତିକ ଗ୍ରୀଡଗୁଡିକର ସ୍ଥିରତା, ନିର୍ଭରଶୀଳତା ତଥା ଶକ୍ତି ସଙ୍କଟ ଦୂରୀଭୂତ କରିବାରେ ଏହାର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଭାଗର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଗବେଷିକା, ଗବେଷକ, ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର କନ୍‌ଭେନର ଟି.କେ. ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଉପକୂଳ ରାଜପଥ ନିର୍ମାଣକୁ ପ୍ରଫୁଲ୍ଲ ସାମନ୍ତରାଙ୍କ ବିରୋଧ

**ବ୍ରହ୍ମପୁର ଅଫିସ,୬।୧୨**

ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ପ୍ରାୟ ୨୪୦କି.ମି. ଉପକୂଳ ରାଜପଥ(କୋଷ୍ଟାଲ୍ ହାଇୱେ) ନିର୍ମାଣକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। କିନ୍ତୁ ଏହି ପ୍ରକଳ୍ପକୁ ଲୋକଶକ୍ତି ଅଭିଯାନ ସଭାପତି ତଥା ଗ୍ରୀନ୍ ନୋବେଲ୍ ପୁରସ୍କାର ବିଜେତା ପ୍ରଫୁଲ୍ଲ ସାମନ୍ତରା ବିରୋଧ କରିଛନ୍ତି। ସାମୁଦ୍ରିକ ପରିବେଶ ପ୍ରତି ଉପକୂଳ ରାଜପଥ ଘାତକ ହେବ ବୋଲି ସେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଏହା ପ୍ରକାଶ କରିଛନ୍ତି।

ସେ କହିଥିଲେ, ଲୁଣା ଜଙ୍ଗଲ ଧ୍ୱଂସ ହେବା ସହ ଚିଲିକାଠାରୁ ଭିତରକନିକା ପର୍ଯ୍ୟନ୍ତ ସାମୁଦ୍ରିକ ଜୈବ ବିବିଧତା ଓ ଜୀବଜନ୍ତୁ, ମତ୍ସ୍ୟ ପ୍ରଜାତି ବିନାଶର ଶିକାର ହେବେ। ଏହା ଦ୍ୱାରା ଯେଉଁ ବଜାର ଓ ବ୍ୟବସାୟ ନିର୍ମାଣ ସହ ଯାନବାହନ ଚାଲିବ ତାହା ମଧ୍ୟ ସାମୁଦ୍ରିକ ପରିବେଶକୁ କ୍ଷତି କରିବ। ବର୍ଷା ଦିନେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବ। ବାତ୍ୟା ବେଳେ ସମୁଦ୍ରରୁ ଆସୁଥିବା ଜଳ ଫେରିପାରିବ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ବହୁଗୁଣରେ ବଢ଼ିଯିବ। ଓଡ଼ିଶା ଉପକୂଳ ବାରମ୍ବାର ବାତ୍ୟା ଓ ଝଡ଼ର ଶିକାର ହେଉଛି। ଲୁଣା ଜଙ୍ଗଲ ଓ ପ୍ରାକୃତିକ ସ୍ଥିତି ସୁରକ୍ଷିତ ରହିବା ଦୃଷ୍ଟିରୁ ଏହି ପ୍ରକଳ୍ପ ଆଦୌ ଗ୍ରହଣୀୟ ନୁହେଁ। ପୁଣି ମତ୍ସ୍ୟଜୀବୀମାନେ ଜୀବିକା ହରାଇବେ। କୌଣସି ପ୍ରକାରେ ଚିଲିକା ଉପରେ ପୋଲ ନିର୍ମାଣ ଏହାର ପ୍ରାକୃତିକ ଭୌଗୋଳିକ ସ୍ଥିତି ପ୍ରତି କ୍ଷତିକାରକ। ଆଶ୍ରୟ ନେଉଥିବା ବିଦେଶୀ ପକ୍ଷୀମାନଙ୍କ ଜୀବନ ପ୍ରତି ବିପଦ ରହିଛି।



ଖବରଦାତା ସମ୍ମିଳନୀରେ ପ୍ରଫୁଲ୍ଲ ସାମନ୍ତରା।

ଏହି ପ୍ରକଳ୍ପ ପାଇଁ ଉପକୂଳରେ ଏକ ହଜାର ହେକ୍ଟର ଜମି ଅଧିଗ୍ରହଣ କରାଯିବ। ସେଥିରୁ ୩୩ପ୍ରତିଶତ ହେଉଛି ଜଙ୍ଗଲ ଜମି। ସରକାରୀ ତଥ୍ୟ ଅନୁଯାୟୀ, ୨୫ହଜାର ଗଛ କଟାଯିବ। ବାସ୍ତବରେ ଏହି ସଂଖ୍ୟା ଢ଼େର୍ ଅଧିକ। ପ୍ରାରମ୍ଭରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ନେଇ ଆପତ୍ତି ଉଠାଇଥିଲା। କିନ୍ତୁ ବର୍ତ୍ତମାନ ଭାଜପା ଏବଂ ବିଜେଡ଼ି ମଧ୍ୟରେ ଗୁପ୍ତ ମେଣ୍ଟ ହୋଇଥିବା ଯୋଗୁ କେନ୍ଦ୍ର ସରକାର ପ୍ରକଳ୍ପକୁ ସମର୍ଥନ କରୁଛନ୍ତି। ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ନିରାକରଣ ମିଶନ୍ ଘୋଷଣା କରିଥିବା ବେଳେ ଏହାର ଓଲଟା କାର୍ଯ୍ୟ କରୁଛନ୍ତି। ଭିତରକନିକା ଏବଂ ଚିଲିକା ବିଶ୍ୱ ଜଳବାୟୁ ପରିବର୍ତ୍ତନ ପ୍ରତିକାର ପାଇଁ ସୁରକ୍ଷିତ ରହିବା ଏକାନ୍ତ ଜରୁରୀ। ଦଳମତ ନିର୍ବିଶେଷରେ ରାଜ୍ୟର ସାମୁଦ୍ରିକ ସମ୍ପଦ ଓ ପ୍ରାକୃତିକ ପରିବେଶ ସୁରକ୍ଷା ପାଇଁ କୋଷ୍ଟାଲ୍ ହାଇୱେକୁ ସମସ୍ତେ ପ୍ରତିରୋଧ କରିବାକୁ ସାମନ୍ତରା ଆହ୍ୱାନ ଦେଇଛନ୍ତି।




# ବିଜୁ ଯୁବବାହିନୀ କାର୍ଯ୍ୟକର୍ତ୍ତା, ଦୋକାନ ମାଲିକଙ୍କୁ ହାଣିଲେ

**ଦିଗପହଣ୍ଡି,୬।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ କରପଡା ଗାଁ ବିଜୁ ଯୁବବାହିନୀ କାର୍ଯ୍ୟକର୍ତ୍ତା ବିଜୟ ସେଠୀ ଓ ଦେଓଖାଲି ଛକରେ ମିଠା ଦୋକାନ କରିଥିବା କୃଷ୍ଣ ସାହୁଙ୍କୁ ଶୁକ୍ରବାର ଅପରାହ୍ନରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀର କେତେଜଣ ସମର୍ଥକ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ବିଜୟ ଓ କୃଷ୍ଣଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଦୁର୍ବୃତ୍ତମାନେ ଅପରାହ୍ନ ପ୍ରାୟ ୨ଟାରେ ବାଇକରେ ଆସି ଦେଓଖାଲି ଛକରେ ଦୋକାନ କରିଥିବା କୃଷ୍ଣଙ୍କୁ ଖଣ୍ଡାରେ ହାଣି କିଛି ସମୟ ସେଠାରେ ଆତଙ୍କ ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଘଟଣାପରେ ଦୋକାନ ବଜାର ବନ୍ଦ ହୋଇଯାଇଥିଲା। ପୋଲିସ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ଯୁବକମାନେ କରପଡ଼ା ଅଭିମୁଖେ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ଖବର ପାଇ


ଆମ୍ବୁଲାନ୍ସ ଯୋଗେ ବିଜୟଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଉଛି।

## ଖଣ୍ଡାଧାରୀ ଯୁବକଙ୍କ ଆତଙ୍କ

କେ.ନୂଆଗାଁ ଥାନା ଆଇଆଇସି ମାଧବାନନ୍ଦ ନାୟକ ସଦଳବଳ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କୃଷ୍ଣଙ୍କ ବୟାନ ରେକର୍ଡ କରିଛନ୍ତି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି।

ବିଜୟ ଗାଁ ନିକଟ ଜମିରୁ ଧାନ କାଟି ବାଇକରେ ଫେରୁଥିବାବେଳେ ଗାଁ ସ୍କୁଲ ନିକଟ ଶ୍ମଶାନ ସମ୍ମୁଖ ରାସ୍ତାରେ ୨ଟି ବାଇକରେ ଆସିଥିବା ସମ୍ପୃକ୍ତ ୪ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ବିଜୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଏଠାରେ ୨ ରାଜନୈତିକ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ରାଜନୈତିକ ଶତ୍ରୁତାରୁ ବିଜୟଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା କରପଡ଼ା ସରପଞ୍ଚ ପ୍ରତିନିଧି ବିଶ୍ୱନାଥ ପ୍ରଧାନ କହିଛନ୍ତି। ଦୁର୍ବୃତ୍ତମାନେ କୃଷ୍ଣଙ୍କୁ ଆକ୍ରମଣ କରିବା ପରେ ବିଜୁ ଯୁବ ବାହିନୀ ସଦସ୍ୟ ବିଜୟଙ୍କୁ ଆକ୍ରମଣ କରିଥିବା ପୋଲିସ କହିଛି। ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନେ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ ଯେ, ୨୦୦୪ରେ ବିଜୟଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ଯୁବକମାନେ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଉକ୍ତ ମାମଲା ବ୍ରହ୍ମପୁର କୋର୍ଟରେ ଏବେ ବିଚାରାଧୀନ ରହିଛି।




# ସ୍କୁଲ୍ ଅଟୋକୁ ପିଟିଲା ପିକ୍‌ଅପ୍

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୬।୧୨**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡଠାରେ ଶୁକ୍ରବାର ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଅଟୋ ସହ ଏକ ପିକ୍ ଭ୍ୟାନର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋ ଚାଳକ ଓ ୬ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଚାଳକ ଓ ୨ ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ଫୁଲବାଣୀ ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଣେ ୯ମ ଶ୍ରେଣୀ ଛାତ୍ର ମନ୍ମଥ ବିଶୋୟୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଥିବା ପିକ୍‌ଅପ୍ ଭ୍ୟାନକୁ ପୋଲିସ ଜବତ କରିଥିବାବେଳେ ଚାଳକ ବାଲିଗୁଡାର ପ୍ରଦୀପ କୁମାର ମଲ୍ଲିକଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଷାଣ୍ମାସିକ ପରୀକ୍ଷା ଥିଲା। ସାରଙ୍ଗଗଡ ପଟୁ ଏକ ଅଟୋ(ଓଡି ୧୨ସି-୪୪୪୨)ରେ ୯ମ ଶ୍ରେଣୀ ଛାତ୍ରୀଛାତ୍ର ବସି ଦିଆଭଞ୍ଜ ଉଚ୍ଚ ବିଦ୍ୟାଳୟକୁ ଯାଉଥିଲେ। ବନ୍ଧଗଡ ପାଖ ବୁଲାଣୀ ନିକଟରେ ଫୁଲବାଣୀ ପଟୁ ସାରଙ୍ଗଗଡ ଅଭିମୁଖେ ଯାଉଥିବା ପିକ୍‌ଅପ୍ ଭ୍ୟାନ (ଓଡି ୧୨ଇ-୧୧୮୩)ଟି ଦ୍ରୁତ ଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ନଂ.୧୧୨/୧୯ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରି ପୋଲିସ ତଦନ୍ତ ଚଳାଇଛି।

## ଚାଳକ ସମେତ ୭ ଆହତ


ଦୁର୍ଘଟଣାଗ୍ରସ୍ତ ଅଟୋ।

# ନବଜାତକର ମୃତଦେହ ଉଦ୍ଧାର

**ହିଞ୍ଜିଳିକାଟୁ, ୬।୧୨(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ନିକଟ ଘୋଡ଼ାହାଡ଼ ନଦୀ ତଟରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ପୋଲିସ ଉଦ୍ଧାର କରିଛି। କିଛି ଧୀବର ଭୋରରେ ମାଛ ଧରିବାକୁ ନଦୀକୁ ଯାଇଥିବା ବେଳେ ମୃତ ଶିଶୁକୁ ଦେଖି ପୋଲିସକୁ ଜଣାଇଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ନଂ. ୨୭/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

# ବାର୍‌ହା ଫାଶରେ ପଡି ବାଛୁରି ମୃତ

**ପାଟପୁର,୬।୧୨**

ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ଗ୍ରାମ ନିକଟରେ ଗୁରୁବାର ବାର୍‌ହା ଫାଶରେ ପଡି ଗୋଟିଏ ବାଛୁରିର ମୃତ୍ୟୁ ହୋଇଛି। ଗଙ୍ଗାପୁର ଓ ନରସିଂଗଡ଼ ଅଞ୍ଚଳରେ ବାର୍‌ହା ଉପଦ୍ରବରେ ବ୍ୟାପକ ଧାନ ଫସଲ ନଷ୍ଟ ହେଉଥିଲା। ଏଥିରୁ ରକ୍ଷା ପାଇବାକୁ ଚାଷୀମାନେ ଜମିରେ ଫାଶ ବସାଇଥିବାବେଳେ ଗଙ୍ଗାପୁରର ବାଞ୍ଛାନିଧି ଗୌଡ଼ଙ୍କ ଗୋଟିଏ ବାଛୁରି ଲାଗି ମୃତ୍ୟୁ ଘଟିଛି।

# ଜ୍ୱରରେ ମୃତ୍ୟୁ ଘଟଣା ଡଙ୍ଗାରେ ମୃତଦେହ ନେଲେ ଗ୍ରାମବାସୀ

**ପାତ୍ରପୁର, ୬।୧୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତର ବଣିଆବସା ଗ୍ରାମରେ କିଛି ମାସ ହେଲା ଜ୍ୱରରେ ଆକ୍ରାନ୍ତ ଥିବା ଜଣେ ମହିଳାଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗାଁର ଧନେଶ୍ୱର ପ୍ରଧାନଙ୍କ ସ୍ତ୍ରୀ ଶାନ୍ତିଲତା। ଗୁରୁବାର ରାତିରେ ଶାନ୍ତିଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡଙ୍ଗା ସାହାଯ୍ୟରେ ବାଘଲଟି ଜଳଭଣ୍ଡାର ଦେଇ ଖାରିଆଗୁଡ଼ା ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ଶାନ୍ତିଲତାଙ୍କ ଗ୍ରାମରେ ଶେଷକୃତ୍ୟ କରାଯାଇଛି। ଉକ୍ତ ପଞ୍ଚାୟତର ପ୍ରାୟ ଗ୍ରାମକୁ ଗମନାଗମନ ସୁବିଧା ନ ଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ, ମହିଳା ଅର୍ଦ୍ଧଦଗ୍ଧ

**ଦିଗପହଣ୍ଡି,୬।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ନୂଆସାହିରେ ରନ୍ଧନ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ମହିଳା ଅର୍ଦ୍ଧଦଗ୍ଧ ହୋଇଥିବା ଜଣାପଡିଛି। ସେ ହେଲେ ସଙ୍ଗୀତା ବେହେରା। ସଙ୍ଗୀତା ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ କାରଣରୁ ସିଲିଣ୍ଡରଟି ଜଳି ଯାଇଥିଲା। ସଙ୍ଗୀତା ନିଆଁ ଲିଭାଇବାକୁ ଯାଇ ପୋଡି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁହଁ, ହାତ ଓ ଛାତି ପୋଡି ଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ